



# ୮୦ ଷ୍ଟ୍ରିଟ୍ ଲାଇଟ ଅଚଳ, ମରାମତି କରୁନି ଏନ୍ଏଚ୍ଏଆଇ

## ଜିଲାପାଳଙ୍କ ଠାରେ ଅଭିଯୋଗ କଲେ ଗ୍ରାମବାସୀ

**ବଇଣ୍ଡା, ୧୮।୪ (ପରିକ୍ଷିତ ସାହୁ)**

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକ, ହଣ୍ଡପା, ଶରଧାମୁଣ୍ଡା ଫ୍ଲାଏ ଓଭରବ୍ରିଜ୍ ଓ ରାସ୍ତା ପାର୍ଶ୍ୱରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ପକ୍ଷରୁ ଠିକା ସଂସ୍ଥା ୨୧୦ଟି ଷ୍ଟ୍ରିଟ୍ ଲାଇଟ ଲଗାଇଛି। ଅଗଷ୍ଟ ୨୦୨୫ରେ ଉକ୍ତ ଲାଇଟଗୁଡ଼ିକ ଲଗାଯାଇଥିବାବେଳେ ସେଥିମଧ୍ୟରୁ ୮୦ଟି ବର୍ତ୍ତମାନ ଅଚଳ ଅବସ୍ଥାରେ ରହିଛି। ନିମ୍ନମାନର ଲାଇଟ ଲଗାଯାଇଥିବା ଯୋଗୁ ଧୀରେ ଧୀରେ ଲାଇଟଗୁଡ଼ିକ ଅଚଳ ହୋଇପଡୁଥିବା ଶରଧାମୁଣ୍ଡା ଗ୍ରାମବାସୀ ଶନିବାର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।



ରାଜପଥ ଫ୍ଲାଏଓଭରରେ ଥିବା ଲାଇଟ୍।

ଅଭିଯୋଗପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ହଣ୍ଡପା ଛକଠାରୁ ବଇଣ୍ଡା ଦେଇ ଜାମୁନାଳି ପର୍ଯ୍ୟନ୍ତ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଅତି ନିମ୍ନମାନର ଲାଇଟ ଲଗାଇଛି। ଫଳରେ ଲାଇଟ ଲଗାଯିବା ଦିନ ହିଁ ୩ଟି ଅଚଳ ହୋଇପଡ଼ିଥିଲା। ଇତିମଧ୍ୟରେ ୮୦ ଲାଇଟ୍ ଅଚଳ ହୋଇସାରିଛି। ଏଥିସହ କିଛି ସ୍ଥାନରେ ସନ୍ଧ୍ୟା ୬ଟାରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ରାତି ୧୧ଟାରେ କାଟି ଦିଆଯାଉଛି। ଫଳରେ ବିଳମ୍ବିତ ରାତିରେ ଫ୍ଲାଏ ଓଭରବ୍ରିଜ୍ ଅନ୍ଧାରରେ ରହୁଥିବାବେଳେ ରାତିରେ ବିଭିନ୍ନ ଗାଡିକୁ ଅଟକାଇ କେତେଜଣ ଦୁର୍ବୃତ୍ତ ଲୁଟ କରୁଛନ୍ତି। ଲାଇଟ୍‌ଗୁଡ଼ିକର ମରାମତି କରିବା ପାଇଁ ବଇଣ୍ଡା ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟରେ ଅଭିଯୋଗ କଲେ, ମରାମତି ଦାୟିତ୍ୱ ଉକ୍ତ ଠିକା ସଂସ୍ଥାର ବୋଲି କୁହାଯାଉଛି। ତୁରନ୍ତ ଅଚଳଥିବା ଲାଇଟଗୁଡ଼ିକ ଖୋଲି ନୂତନ ଲାଇଟ ଲଗାଇବା ସହ ରାଜପଥ ୧୨ ଘଣ୍ଟା ଆଲୋକିତ କରିବା ପାଇଁ ଶରଧାମୁଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଅକ୍ଷୟ କୁମାର ସାହୁ କହିଛନ୍ତି, ଫ୍ଲାଏଓଭର ବ୍ରିଜ୍‌ରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟର ରକ୍ଷାଣବେକ୍ଷଣ ଦାୟିତ୍ୱ ଜାତୀୟ ରାଜପଥ ବିଭାଗର। ବାମୁର ଠାରେ ଟୋଲ ଫି ଆଦାୟ କରାଯାଉଥିଲେ ମଧ୍ୟ ଲାଇଟଗୁଡ଼ିକ ମରାମତି କରାଯାଉନାହିଁ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିକ୍ଷକ ପୁରସ୍କୃତ

**ବଇଣ୍ଡା, ୧୮।୪ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ହୁଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। କିଶୋରନଗର ବ୍ଲକର ଆଦର୍ଶ ଶିକ୍ଷକ ଭାବେ ଶିକ୍ଷା ବିଭାଗ ପକ୍ଷରୁ ମନୋନୀତ ଶିକ୍ଷକ ପ୍ରଧାନଙ୍କୁ ଶୁକ୍ରବାର ଅନୁଗୋଳ ଜିଲା ମହୋତ୍ସବ ସଭାରେ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ରୋଟାରି ପବ୍ଲିକ ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା




ରୋଟାରି ସ୍କୁଲ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଅନୁଗୋଳ, ୧୮।୪ (ଦିବ୍ୟଶାନ୍ତନୁ ନାଥ)**

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ପାଇଛନ୍ତି। ବିଦ୍ୟାଳୟର ମୋଟ ୧୩୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହେବା ସହ ୧୫ ଜଣ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ୨୫ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଛାତ୍ର ଆୟୁଷ ପ୍ରିୟଦର୍ଶନ କର, ଦେବରୋଜ ସିଂହ, ଛାତ୍ରୀ ଲେଭିନା ପ୍ରିୟଦର୍ଶିନୀ ସାହୁ ୯୮.୨ ପ୍ରତିଶତ ମାର୍କ ରଖି ଶ୍ରେଷ୍ଠ ପ୍ରଦର୍ଶନ କରିଥିବାବେଳେ କରନ ଗୁରୁ, ପ୍ରତ୍ୟୁଷ ସାହୁ, ଅନୁଷ୍କା ସାହୁ, ନୂତନ ନିଖିଲେଶ, ବିଭୂଷା ବିଜୟ, ସୁହାନା ଦେହୁରୀ, ଅଂଶୁମାନ ସାହୁ, ଆର୍ଯ୍ୟନ ଜାଙ୍ଗିଡ, ଅନ୍ୱିତା ପ୍ରଧାନ, କେ. ସାଇ ଆଦିତ୍ୟ, ଋଷିକେଶ ଦେହୁରୀ ଏବଂ ଅର୍ଯ୍ୟମାନ ମେକାପ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ବିଦ୍ୟାଳୟ ତରଫରୁ ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କ ସମେତ ସେମାନଙ୍କ ଅଭିଭାବକଙ୍କୁ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ. ଅଶୋକ କୁମାର ବେହେରା, ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଏବଂ ପ୍ରଧାନ ଶିକ୍ଷୟିତ୍ରୀ କଲ୍ପଲତା ଦାଶ ସମ୍ବର୍ଦ୍ଧିତ କରିଛନ୍ତି। ପରିଚାଳନା କମିଟି ଅଧ୍ୟକ୍ଷ ରୋଟାରିଆନ ସୁଧେନ୍ଦ୍ର ମୋହନ ଜେନା ଏବଂ ଅନ୍ୟ ସଭ୍ୟମାନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସମର୍ପଣ ଏକାଡେମୀର ସଫଳତା

**ଅନୁଗୋଳ, ୧୮।୪ (ଜ୍ୟୋତିରଞ୍ଜନ ସାହୁ)**

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଅନୁଗୋଳ ସମର୍ପଣ ଏକାଡେମୀର ଛାତ୍ରୀଛାତ୍ର ଚମତ୍କାର ପ୍ରଦର୍ଶନ କରିଛନ୍ତି। ଅନୁଷ୍ଠାନର ସମସ୍ତ ୧୨୦ ଛାତ୍ରୀଛାତ୍ର ଭଲ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ୧୦ ଛାତ୍ରୀଛାତ୍ର ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ଓ ୪୦ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଗୌରବ ଆଣିଛନ୍ତି। ଛାତ୍ରୀ ମୁସ୍କାନ ସାହୁ ୯୯.୮୦ ପ୍ରତିଶତ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେହିପରି ଅନ୍ୱେଷା ମହାପାତ୍ର ୯୮ ପ୍ରତିଶତ ଓ ଶୁଭମ ପ୍ରଧାନ ୯୭.୨ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ୨୦ ଜଣ ଛାତ୍ରୀଛାତ୍ର ବିଭିନ୍ନ ବିଷୟରେ ଶତ ପ୍ରତିଶତ ମାର୍କ ରଖିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ପରିଚାଳନା ନିର୍ଦ୍ଦେଶକ ନିରୋଦ କୁମାର ସାହୁ, ଅଧ୍ୟକ୍ଷା ବୈଷ୍ଣବୀ ଦେଓ, ସହ ପରିଚାଳନା ନିର୍ଦ୍ଦେଶକ ପାର୍ଥ ସାରଥୀ ରାଉତ, ସଂଯୋଜକ ଭବାନୀ ଶଙ୍କର ସାହୁ, ନୀତୀଶ କୁମାର ବେହେରା, ବରୁଣ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ମୁସ୍କାନ ସାହୁ, ଅନ୍ୱେଷା ମହାପାତ୍ର ଓ ଶୁଭମ ପ୍ରଧାନ।

# କ୍ରିୟାନୁଷ୍ଠାନ କମିଟିର ଗଣଧାରଣା ୧୦୦ ଦିନରେ

**ତାଳଚେର, ୧୮।୪ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ପବିତ୍ର ମୋହନ ମେଡିକାଲ କଲେଜର ରୋଗୀ ସେବା ଅନୁଗୋଳ ଜିଲା ମେଡିକାଲ ବଦଳରେ ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲରେ କରାଯିବା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ୧୦୦ ଦିନରେ ପହଞ୍ଚିଛି। ତାଳଚେରରୁ ସରକାର ଅଧିକ କୋଇଲା ଉତ୍ପାଦନ କରି ଅଧିକ ରାଜସ୍ୱ ପାଉଥିବାବେଳେ ପ୍ରଦୂଷଣ ଯୋଗୁ ତାଳଚେରବାସୀ ବିଭିନ୍ନ ମାରାତ୍ମକ ରୋଗରେ ପଡୁଛନ୍ତି। କିନ୍ତୁ ସେମାନଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବାରୁ ସରକାର ବଞ୍ଚିତ କରିଛନ୍ତି। ତାଳଚେରରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲା, କିନ୍ତୁ ମେଡିକାଲ କଲେଜର ମେଡିକାଲକୁ ଅନ୍ୟତ୍ର କରି ତାଳଚେରବାସୀଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ପ୍ରତିବାଦରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଚାଲୁରହିଛି। ତୁରନ୍ତ ପବିତ୍ର ମୋହନ ମେଡିକାଲ କଲେଜର ମେଡିକାଲକୁ ଅନୁଗୋଳରୁ ତାଳଚେର ସ୍ଥାନାନ୍ତର କରିବା ପାଇଁ ତାଳଚେରବାସୀ ଦାବି କରୁଛନ୍ତି। ଏହି ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସହର ପରିକ୍ରମା କରାଯାଇ ଧାରଣାସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଅଭୟ ପାଣି, ସମ୍ପାଦକ ବିଜୟ ପ୍ରଧାନ, କେଶବ ଭୂତିଆ, ଧୀରେନ ପାଣି, ଚିତ୍ତରଞ୍ଜନ ଗଡ଼ନାୟକ, ଚୈତନ୍ୟ ପ୍ରଧାନ, ବିନୋଦ ଲାଲ, ଗଗନ ଦାସ, ସୁକାନ୍ତ ଦାସ, ଶୋଭାଗିନୀ ଦେବୀ, ପ୍ରଫୁଲ୍ଲ ନାଏକ ପ୍ରମୁଖଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ୱାଗନରେ ପାଲ ଭିଡ଼ାନେଇ ଏନ୍‌ଜିଟିର ନିର୍ଦ୍ଦେଶ

**ତାଳଚେର, ୧୮।୪ (ମନୋଜ ନନ୍ଦ)**

## ଉପଜିଲାପାଳଙ୍କୁ ପ୍ରଦାନ କରାଗଲା ନକଲ

ଅନୁଗୋଳ ଜିଲା ତାଳଚେରର ବିଭିନ୍ନ କୋଇଲା ଖଣିରୁ ରେଳ ଯୋଗେ କୋଇଲା ପରିବହନ ବେଳେ କୋଇଲା ର୍‍ୟାକ୍ ଓ ୱାଗନରେ ପାଲ ଘୋଡ଼ାଇ ନେବା ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି) ପକ୍ଷରୁ ପୂର୍ବତଟ ରେଳପଥ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଛି। ଯଥାଶୀଘ୍ର ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଛି। ସୂଚନାଯୋଗ୍ୟ, ତାଳଚେରର ସାମାଜିକ କର୍ମୀ ରାଜକିଶୋର ସାହୁ ଏ ନେଇ ଗତ ୪ ଡିସେମ୍ବର ୨୦୨୫ରେ ଏନ୍‌ଜିଟିରେ ମାମଲା ରୁଜୁ କରିଥିଲେ। ଏହାର ବିଚାର କରି ଅଦାଲତ କୋଇଲା ର୍‍ୟାକ୍ ଓ ୱାଗନରେ ପାଲଭିଡ଼ିବାକୁ ନିର୍ଦ୍ଦେଶ ଦେବା ସହ ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବାକୁ କହିଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଡ. ମନୋଜ ଭି. ନାୟାର ଗତ ଏପ୍ରିଲ ୧୩ରେ ଏନ୍‌ଜିଟିଙ୍କ ନିକଟରେ ଏକ ସତ୍ୟପାଠ ଦାଖଲ କରିଥିଲେ। ଉକ୍ତ ସତ୍ୟପାଠର ଏକ ନକଲକୁ ସାମାଜିକ କର୍ମୀ ସାହୁଙ୍କ ନେତୃତ୍ୱରେ ଶତାଧିକ ଜନସାଧାରଣ ତାଳଚେରରେ ଉପଜିଲାପାଳ ଆଶିଷ ରଞ୍ଜନ ସାହୁଙ୍କୁ ସାକ୍ଷାତ କରି ପ୍ରଦାନ କରିଛନ୍ତି।



# ଇଡ୍‌କୋକୁ ପକ୍ଷଭୁକ୍ତ ପାଇଁ ନୋଟିସ କରାଯାଉ



ଜିଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଶୁଣାଣିରେ ଯୋଗଦେଇଥିବା ଲାନ୍‌କୋ ଜମିହରା ପ୍ରଜା।

## ଲାନ୍‌କୋ ଜମିହରା ପ୍ରଜା ମାମଲା

- ଆଇନଜୀବୀଙ୍କ ପକ୍ଷରୁ ପିଟିଶନ ଦାଖଲ
- ସେତୁକୁ ସ୍ୱାଗତ, ଭାରିଯାନକୁ ବିରୋଧ

ଢେଙ୍କାନାଳ,୧୮।୪(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ, କୁରୁଣ୍ଟି ଗ୍ରାମର ଲାନ୍‌କୋ ଜମିହରା ପ୍ରଜାଙ୍କ ପକ୍ଷରୁ ଏମ୍‌ଓୟୁ ଉଲ୍ଲଂଘନ ନେଇ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଶନିବାର ନିର୍ଦ୍ଧାରିତ ତାରିଖ ଅନୁଯାୟୀ ଜିଲାପାଳଙ୍କ ପ୍ରକୋଷ୍ଠରେ ଶୁଣାଣି ହୋଇଥିଲା। ଏହି ଅବସରରେ ସମସ୍ତ ଘଟଣାର ଇଡ୍‌କୋ ଏକ ପ୍ରମୁଖ ପକ୍ଷ ହୋଇଥିବା ବେଳେ ଇଡ୍‌କୋକୁ ପକ୍ଷଭୁକ୍ତ ପାଇଁ ନୋଟିସ କରାଯିବା ନିମନ୍ତେ ଜମିହରା ପ୍ରଜାଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ଜିଲାପାଳଙ୍କ ନିକଟରେ ପିଟିଶନ ଦାଖଲ କରିଛନ୍ତି । ସେହିପରି ଲାନ୍‌କୋ କମ୍ପାନୀ ପାଇଁ ଉଦ୍ଦିଷ୍ଟ ଜାଗା ମଧ୍ୟ ଦେଇ ବ୍ରାହ୍ମଣୀ ନଦୀରେ ନବନିର୍ମିତ ସେତୁ ପର୍ଯ୍ୟନ୍ତ ରାସ୍ତା ଯିବା ଲାଗି ନିର୍ଦ୍ଧାରିତ ହୋଇଥିବା ବେଳେ ବର୍ତ୍ତମାନ ୫୫ନଂ ଜାତୀୟ ରାଜପଥର ମଶାଣିଆ ଛକରୁ ଖଡ଼ଗପ୍ରସାଦ ଗ୍ରାମଦେଇ ସେତୁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ମସୁଧା କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମ ରାସ୍ତାରେ ବ୍ୟବସାୟିକ ଭାରିଯାନ ଚଳାଚଳକୁ ତୀବ୍ର ବିରୋଧ କରାଯିବ ବୋଲି ଗ୍ରାମବାସୀ ସୂଚନା ଦେବା ସହ ଏ ସଂକ୍ରାନ୍ତରେ ଜିଲାପାଳ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ମାମଲା ଶୁଣାଣି ସମ୍ପର୍କରେ ଆଇନଜୀବୀ ଲଳିତେନ୍ଦୁ ମିଶ୍ର କହିଛନ୍ତି, ଉଚ୍ଚ ନ୍ୟାୟାଳୟ ସମସ୍ତ ଷ୍ଟେକ୍ ହୋଲ୍‌ଡରଙ୍କୁ ଶୁଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ଇଡ୍‌କୋ ଯେହେତୁ ପ୍ରମୁଖ ଷ୍ଟେକ୍ ହୋଲ୍‌ଡର, ତେଣୁ ତାକୁ ପକ୍ଷଭୁକ୍ତ ପାଇଁ ନୋଟିସ କରିବା ନିମନ୍ତେ ଆମେ ଜିଲାପାଳଙ୍କୁ ଏକ ପିଟିଶନ ଦେଇଛୁ । ୨୦୨୩ରେ ଇଡ୍‌କୋ ଜରିଆରେ ଜମି ଅଧିଗ୍ରହଣ ପାଇଁ ସାଫ୍ରନ୍ କମ୍ପାନୀ ସହ ଯେଉଁ ଲିଜ୍‌ଡିଡ୍ ହୋଇଥିଲା ତାହା ବିଭିନ୍ନ ପର୍ଯ୍ୟାୟରେ ଉଲ୍ଲଂଘନ ହୋଇଛି । ତେଣୁ ଏହା ଜାଣିବା ପରେ ମଧ୍ୟ ଇଡ୍‌କୋ କାହିଁକି ଉକ୍ତ ଲିଜ୍‌ଡିଡ୍‌କୁ ବାତିଲ ପାଇଁ ପଦକ୍ଷେପ ନେଇନାହାନ୍ତି, ସେ ନେଇ ଆମେ ଇଡ୍‌କୋକୁ ପକ୍ଷଭୁକ୍ତ ପାଇଁ ଜିଲାପାଳଙ୍କୁ ଜଣାଇଛୁ । ଉକ୍ତ ଅଞ୍ଚଳ ହାତୀ କରିଡର ବୋଲି ଜିଲା ବନଖଣ୍ଡ ଅଧିକାରୀ ଆଗରୁ ଲିଖିତ ଭାବେ ଦେଇଛନ୍ତି । ଆମେ କହୁଛୁ ଜମି ଲୋକଙ୍କୁ ଫେରାଇ ଦିଆଯାଉ । ଲୋକେ ମଧ୍ୟ ସୁଧ ସମେତ ତାଙ୍କ ପଇସା ଫେରାଇବେ । ୧୭ବର୍ଷ ଧରି ପ୍ରସ୍ତାବିତ ଜାଗାରେ ଶିଳ୍ପ ହୋଇ ନ ଥିବା ବେଳେ ଆଖପାଖ ଅଞ୍ଚଳରେ ବହୁ ଶିଳ୍ପ ପ୍ରତିଷ୍ଠା ହେଲାଣି । ହାତୀ ମଧ୍ୟ ବୁଲିଲେଣି । ସାଫ୍ରନ କମ୍ପାନୀ ୬ମାସ ମଧ୍ୟରେ ଉକ୍ତ ଜାଗାରେ ଶିଳ୍ପ କରିବା ପାଇଁ ମିଛ କହି ସରକାରଙ୍କ ସହ ମେ' ୨୦୨୩ରେ ଏଗ୍ରିମେଣ୍ଟ କରିଥିଲେ । କିନ୍ତୁ ବର୍ତ୍ତମାନ ୨୦୨୬ ଏପ୍ରିଲ ମାସ ସରିବାକୁ ବସିଲାଣି, କିନ୍ତୁ କୌଣସି ଶିଳ୍ପ ହେଲାନାହିଁ । ପ୍ରତିପକ୍ଷ ଆଇନଜୀବୀ ଜମିହରା ପ୍ରଜା ପୁରୁଷୋତ୍ତମ ସାହୁ ଓ ଅନ୍ୟମାନେ ସିଧାସଳଖ ଜମି କ୍ରୟ କରିଥିବା ଦର୍ଶାଇବାରୁ ଆମେ କହିଥିଲୁ, ଗ୍ରାମସଭା ମାଧ୍ୟମରେ ଜମି ଦେଇଥିବା ଲୋକମାନେ ଶିଳ୍ପାନୁଷ୍ଠାନ ପାଇଁ ଲୋକଙ୍କୁ ଜମିଦେବା ପାଇଁ ଉତ୍ସାହିତ କରିଥିଲେ, ଯେହେତୁ ନିଯୁକ୍ତି ମିଳିବ, ଆଉ ଜୀବନଜୀବିକା ପାଇଁ ସୁଯୋଗ ମିଳିବ । ଏହି ଲକ୍ଷ୍ୟ ନେଇ ସେମାନେ ଜାଗା ବିକିଥିଲେ। ସେହିପରି ସେତୁ ଓ ରାସ୍ତା ହେବାକୁ ଆମେ ସ୍ୱାଗତ କରୁଛୁ । କିନ୍ତୁ ସାଫ୍ରନ କମ୍ପାନୀ ବର୍ତ୍ତମାନ ଚଞ୍ଚକତା କରି ଆପ୍ରୋଚ୍ ରୋଡକୁ ଗ୍ରାମ ମଧ୍ୟଦେଇ ନେବା ପାଇଁ ଚେଷ୍ଟା କରୁଛି ବୋଲି ଆଇନଜୀବୀ ମିଶ୍ର କହିଥିଲେ । ଫଳରେ ସେମାନଙ୍କ ପାଖରେ ଥିବା ଜାଗା ସୁରକ୍ଷିତ ଭାବେ ରହିଯିବ । ଏହାକୁ ନେଇ ଏକ ରିଟ୍ ପିଟିଶନ ଉଚ୍ଚ ନ୍ୟାୟାଳୟରେ ମଧ୍ୟ ଦାଖଲ ହୋଇଛି । ଯେହେତୁ ଗ୍ରାମ ରାସ୍ତାରେ ବହୁ ଶିକ୍ଷାନୁଷ୍ଠାନ ରହିଛି, ତେଣୁ ଶିଳ୍ପ ପାଇଁ ପ୍ରସ୍ତାବିତ ଜାଗା ଦେଇ ରାସ୍ତା ଯିବା ନିମନ୍ତେ ଆମେ ଉଚ୍ଚ ନ୍ୟାୟାଳୟରେ ରିଟ୍ ପିଟିଶନ ଫାଇଲ କରିଛୁ ।

ଏ ସଂକ୍ରାନ୍ତରେ ସାଫ୍ରନ କମ୍ପାନୀର ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ କହିଛନ୍ତି, ଜିଲାପାଳ ଉଭୟ ପକ୍ଷରୁ ଶୁଣିଛନ୍ତି । ସମସ୍ତ ପଏଣ୍ଟ ଉପସ୍ଥାପନ କରାଗଲା । ଏ ସମ୍ପର୍କରେ ଓଡ଼ାପଡ଼ା ତହସିଲଦାର ଓ ଜମି ଅଧିଗ୍ରହଣ ଅଧିକାରୀଙ୍କୁ ରିପୋର୍ଟ ମଗାଯାଇଛି । ପରବର୍ତ୍ତୀ ଶୁଣାଣି ମେ' ୧୫ ତାରିଖକୁ ରହିଲା । ଏ ସଂକ୍ରାନ୍ତରେ ଗ୍ରାମ ତରଫରୁ ନରେନ୍ଦ୍ର ସାହୁ କହିଛନ୍ତି, ଆପ୍ରୋଚ୍ ରୋଡ୍ ରାସ୍ତାକୁ ନେଇ ଆମେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦେଖାକରିଛୁ । ପୂର୍ବରୁ ଜିଲାପାଳଙ୍କୁ ମଧ୍ୟ ଜଣାଇଛୁ। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଗ୍ରାମ ରାସ୍ତାରେ ପ୍ରତିଦିନ ବହୁ ସଂଖ୍ୟାରେ ଲୋକ ଚଳପ୍ରଚଳ କରୁଛନ୍ତି । ବହୁ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି । ଗ୍ରାମବାସୀ ବ୍ୟବହାର କରୁଥିବା ରାସ୍ତାରେ ଭାରିଯାନ ଚଳାଚଳ କରିବା କେତେଦୂର ଯୁକ୍ତିଯୁକ୍ତ କହିଥିଲେ । ଗ୍ରାମର କୈଳାସ ଚନ୍ଦ୍ର ରାଉତ, ବିନୋଦ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ସିବିଏସ୍‌ଇରେ କୃତୀ ଛାତ୍ରୀ ସମ୍ମାନିତ



କୃତୀ ଛାତ୍ରୀଙ୍କୁ ସମ୍ମାନିତ କରାଯାଉଛି।

ଢେଙ୍କାନାଳ,୧୮।୪(ରତନ ନାୟାର)

ଢେଙ୍କାନାଳ ମହିଷାପାଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞା ପାରମିତା ମାଝୀ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ୯୪ ପ୍ରତିଶତ ନମ୍ବର ରଖିଥିବାରୁ ତାଙ୍କୁ ସଦର ବ୍ଲକ ବେଲଟିକିରି ଗ୍ରାମରେ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ପ୍ରଜ୍ଞା ପାରମିତା ମୋଟ ୫୦୦ରୁ ୪୭୦ ନମ୍ବର ରଖି ବେଲଟିକିରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ଗ୍ରାମର ସଙ୍ଗୀତା ମାଝୀ ଓ ବାପୁନୀ ମାଝୀଙ୍କ କନ୍ୟା ଅଟନ୍ତି । ବେଲିଟିକିରି ସରପଞ୍ଚ ବଳଭଦ୍ର ସାମଲ, ରାଜସ୍ୱ ନିରୀକ୍ଷକ ମାନସ କୁମାର ବେହେରାଙ୍କ ସମେତ ନିରୁପମା ଦେହୁରୀ, ପ୍ରଶାନ୍ତ କୁମାର ସାମଲ, ଲିଜା ସାମଲ, ସଞ୍ଜୟ କୁମାର ସାମଲ, ମୀନକେତନ ମହାରଣା, ମଙ୍ଗରାଜ ସାହୁ, ସତ୍ୟାନନ୍ଦ ସାହୁ, ସନ୍ତୋଷ ଦାସ ପ୍ରମୁଖ ତାଙ୍କୁ ଉତ୍ସାହିତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ସନ୍ତୋଷ ନାଏକ ଢେଙ୍କାନାଳ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି

ଓଡ଼ାପଡ଼ା, ୧୮।୪ (ରଞ୍ଜିତ ନାୟକ)



ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସଭାପତି ବାଇଧର ମଲ୍ଲିକ ଗତ ୧୩ ତାରିଖରେ ବିଭିନ୍ନ ଜିଲାର ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଢେଙ୍କାନାଳ ଜିଲା ପାଇଁ ସନ୍ତୋଷ କୁମାର ନାଏକ ମନୋନୀତ ହୋଇଛନ୍ତି। ଏଥିପାଇଁ ନାଏକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଢେଙ୍କାନାଳ ଜିଲା ଭାଜପା ସଭାପତି ରାସବିହାରୀ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନୁସୂଚିତ ଜାତି ଲୋକଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ନାଏକ ପ୍ରକାଶ କରିଛନ୍ତି।

# ଯୁବକ ନିଖୋଜ ନେଇ ଥାନାରେ ଅଭିଯୋଗ

ସନ୍ତ୍ରୀଛକ,୧୮।୪(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗୋତମରା ଗ୍ରାମ ଯାତ୍ରା ସାହିର ଅଭୟ ଗୋଚ୍ଛାୟତ(୨୩) ନିଖୋଜ ହୋଇଯାଇଥିବା ତାଙ୍କ ବାପା ଭୁବନ ଗୋଚ୍ଛାୟତ ବଅଁରପାଳ ଥାନାରେ ଅଭିଯୋଗ କରିଛନ୍ତି। ଅଭୟ ଶୁକ୍ରବାର ସକାଳ ୯ଟାରେ ଅନୁଗୋଳ ଯାଉଥିବା କହି କେଉଁଆଡେ ପଳାଇ ଯାଇଛନ୍ତି। ଅଭୟ ଦେଖିବାକୁ କଳା, ଉଚ୍ଚତା ୫ ଫୁଟ୍ ୫ଇଞ୍ଚ ଓ ଘରୁ ଗଲାବେଳେ କଳାରଙ୍ଗର ଜିନ୍ସ ପ୍ୟାଣ୍ଟ ଧଳା ରଙ୍ଗର ଟି ସାର୍ଟ ପିନ୍ଧିଥିଲେ। ବଅଁରପାଳ ପୋଲିସ ମାମଲା ରୁଜୁକରି ତଦନ୍ତ କରୁଥିବା କହିଛନ୍ତି ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ। ସେହିପରି ନୂଆହତା (ଡିହସାହି)ଗ୍ରାମର ବର୍ଷା ଗୋଚ୍ଛାୟତ(୩୫) ଗୁରୁବାର ସକାଳେ ଏକ ପେଟ୍ରୋଲ ପମ୍ପକୁ କାମ କରିବାକୁ ଯାଉଛି କହି କେଉଁଆଡେ ପଳାଇ ଯାଇଛନ୍ତି। ଏନେଇ ବର୍ଷାଙ୍କ ଭଉଣୀ ସୁନିତା ଗୋଚ୍ଛାୟତ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ରାସୋଳ ମହୋତ୍ସବ ଉଦ୍‌ଯାପିତ



ରାସୋଳ ମହୋତ୍ସବର ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅତିଥିବୃନ୍ଦ।

ରାସୋଳ, ୧୮।୪ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ହାଟପଡ଼ିଆଠାରେ ରାସୋଳ ବିକାଶ ପରିଷଦ ପକ୍ଷରୁ ୫ଦିନ ହେଲା ପାଳିତ ହୋଇଆସୁଥିବା ୨୧ତମ ରାସୋଳ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ଉପଜିଲାପାଳ ପ୍ରବାସ ବେଉରିଆ ଓ ମୁଖ୍ୟବକ୍ତା ଭାବେ ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସତ୍ୟପ୍ରକାଶ ନନ୍ଦ ଯୋଗଦେଇଥିଲେ। ମୁଖ୍ୟଅତିଥି ବେଉରି ଏପରି ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ମହୋତ୍ସବ ଅଞ୍ଚଳର ଭାଇଚାରାକୁ ବଞ୍ଚାଇ ରଖେ ବୋଲି କହିଥିଲେ। ମେଳାରେ ବହୁ ଘରକରଣା ସାମଗ୍ରୀ ମିଳୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ପରିଷଦ ସଭାପତି ପୂର୍ବତନ ବିଧାୟକ ମହେଶ୍ୱର ନାୟକ ମଞ୍ଚାସୀନ ଥିବାବେଳେ ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ ପ୍ରତ୍ୟେକ ଦିନ ଯୋଗଦେଇଥିବା ଅତିଥି, ପରିଚାଳନା କରୁଥିବା ସଦସ୍ୟ, ପୋଲିସ ପ୍ରଶାସନ, ଖବରଦାତା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରତ୍ୟେକ ଦିନ ପରି ମିନାବଜାର ଓ ପଲ୍ଲିଶ୍ରୀ ମେଳାରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ବିୟୋଗ

ବନ୍ତଲା,୧୮।୪(ସୁଶିତ ସାହୁ)



ଅନୁଗୋଳ ବ୍ଲକ ମାଟିଆ ସାହି ପଞ୍ଚାୟତ ପୁରୁଣାଗଡ଼ ସୁଦସାହିର ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଦୀପ କୁମାର ପଣ୍ଡା(୬୨)ଙ୍କ ଗୁରୁବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ସେନାରୁ ଅବସର ନେଲା ପରେ ସାମାଜିକ କାର୍ଯ୍ୟରେ ଲିପ୍ତ ରହିଥିଲେ। ସେ ଗ୍ରାମ ଜଙ୍ଗଲ କମିଟି ସଭାପତି, ଗ୍ରାମ ସଭାପତି, ପୁରୁଣାଗଡ଼ ଛୋଟ ଗାଡ଼ି ମାଲିକ ସଂଘର ସଭ୍ୟ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁ ଖବର ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଜିଲା ପ୍ରତିନିଧି ସୁଦୀପ ଗଡ଼ନାୟକ, ଭାଜପା ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, ସାତକୋଶିଆ ମଣ୍ଡଳ ସଭାପତି ରାଧାକାନ୍ତ ପଲେଇ, ସାତକୋଶିଆ ମଣ୍ଡଳ ପ୍ରଭାରୀ ବିଶ୍ୱଜିତ୍ ମିଶ୍ର, ଭାଜପା ନେତା ବିଦ୍ୟାଧର ଚିନିରା, ପ୍ରଭାତ ମିଶ୍ର, ଯଶୋବନ୍ତ ବେହେରା, ସୁନୀଲ ଦଳବେହେରା, ସନ୍ତୋଷ ସାହୁ, ବିକାଶ ବେହେରା ପ୍ରମୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ଗୁଡ଼ିଆକାଟେଣି ଛକରେ ଜଳଛତ୍ର ଉଦ୍‌ଘାଟିତ

ଓଡ଼ାପଡ଼ା, ୧୮।୪ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗୁଡ଼ିଆକାଟେଣି ଛକଠାରେ ସାମାଜିକ ସଂଗଠନ 'ମାରୁତି ସେନା' ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଭାଗବତ ମହାମଞ୍ଚ ସଭାପତି ପ୍ରତାପ କିଶୋର ନନ୍ଦ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହାକୁ ସଂଗଠନର ସଭାପତି ବିକାଶ ଚନ୍ଦ୍ର ବେହେରା ପରିଚାଳନା କରିଥିବା ବେଳେ ନିହାର ରଞ୍ଜନ ସାହୁ, ସୋମନାଥ ସାହୁ, ଅମିତ ରାଉତ, ରୋହିତ ମାଳି, କାଳନ୍ଦୀ ସାହୁ, ମୋତିକାନ୍ତ ନାୟକ, ଦିବ୍ୟ ଓମ୍ ବଳ, ଆଶିଷ ବେହେରା ଓ ରୋସିନୀ ବେହେରା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ଜୁନ ମାସ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ବିକାଶ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି।

# ଜନଗଣନାବେଳେ ଶିକ୍ଷକ ଅସୁସ୍ଥ, ମେଡିକାଲରେ ଭର୍ତ୍ତି

କଣିହାଁ,୧୮।୪(ନିରୋଜ ପ୍ରଧାନ)



ଅନୁଗୋଳ ଜିଲା କଣିହାଁ ବ୍ଲକ ଶିପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରମୋଦ ଚନ୍ଦ୍ର ସାମଲ(୫୦) ଶନିବାର ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବାବେଳେ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସହକାରୀ ଶିକ୍ଷକ ସାମଲ ଶିଳିଂ ଗ୍ରାମରେ ଘର ଗଣନା କରୁଥିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ପୂର୍ବରୁ ସେ ମଧୁମେହ ଓ ରକ୍ତଚାପ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଥିବାରୁ ଏହାକୁ ନେଇ କେତେଜଣ ଶିକ୍ଷକ ଅସନ୍ତୋଷବ୍ୟକ୍ତ କରିଛନ୍ତି।

# ପାଠ ସହ ଖେଳକୁଦ ଆବଶ୍ୟକ

ବନ୍ତଲା,୧୮।୪(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଭଟାଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ପାଠ ସହ ଖେଳକୁଦ ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ ମୋବାଇଲରୁ ଦୂରେଇ ପାଠପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପଠାଣି ସାମନ୍ତ ଛାତ୍ରବୃତ୍ତି, ପ୍ରେରଣା ପୁରସ୍କାର, ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ର, ଇକୋ କ୍ଲବ କ୍ଲେ ମଡେଲିଂ, ଉଷୁ ଆଥ୍‌ଲେଟିକ, କବାଡ଼ି ଓ ପହଁରା ଆଦି ଖେଳକୁଦର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଅଧିକାରୀ ଅଶୋକ ପ୍ରଧାନ, ବନ୍ତଲା ସରପଞ୍ଚ ଗୀତାଞ୍ଜଳୀ ପ୍ରଧାନ, ରୁଦ୍ରନାରାୟଣ ଚୌଧୁରୀ, ଲୋକନାଥ ପ୍ରଧାନ, ସୁମନ୍ତ ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ସିଏମ୍ ଟ୍ରଫି ପାଇଁ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅତିଥିମାନଙ୍କ ସହିତ ପ୍ରତିଯୋଗୀମାନେ।

ଢେଙ୍କାନାଳ,୧୮।୪(ରତନ ନାୟାର)

ସିଏମ୍ ଟ୍ରଫି ନିମନ୍ତେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି । କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ମୁଖ୍ୟ ଷ୍ଟାଡ଼ିୟମଠାରେ ଆୟୋଜିତ ଏହି ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତା ଗ୍ରାମାଞ୍ଚଳ ସହିତ ସମଗ୍ର ଜିଲାରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାର ଉନ୍ମେଷ ଘଟାଇ ରାଜ୍ୟ ତଥା ଜାତୀୟସ୍ତରରେ କ୍ରୀଡ଼ାବିତମାନଙ୍କୁ ପ୍ରତିଷ୍ଠିତ କରାଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଅଭ୍ୟାସ ଦ୍ୱାରା ଶାରୀରିକ କ୍ଷମତା ବୃଦ୍ଧିହେବା ସହ ନିୟମିତ ଅଭ୍ୟାସ ଫଳରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ଆଣିଦେବ ବୋଲି ମତବ୍ୟକ୍ତ କରିଥିଲେ। ଜିଲା କ୍ରୀଡ଼ା ସଂଘର ସମ୍ପାଦକ ନଳିନୀ କୁମାର ଦାଶ ପ୍ରାରମ୍ଭିକା ସୂଚନା ପ୍ରଦାନ କରି ଏହି କ୍ରୀଡ଼ା ସମାରୋହରେ କବାଡ଼ି, ଭଲିବଲ୍, ଖୋଖୋ ଏବଂ ଫୁଟବଲ ଖେଳ ପ୍ରତିଯୋଗିତାରେ ସମସ୍ତ ବ୍ଲକର ମୋଟ୍ ୬୨ଟି ଦଳ ଅଂଶଗ୍ରହଣ କରିଛନ୍ତି । ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ ବୋଲି ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ବିବୁଧ ଗଡ଼ନାୟକ, ଜିଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ ।

# ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀଙ୍କ ଦାବି

## ପୋଲିସ ଉପସ୍ଥିତିରେ ମହିଳାଙ୍କୁ ଗାଁ ଦାଣ୍ଡରେ ମାଡ଼ ଘଟଣା

- ୪୨ ବର୍ଷ ପରେ ଏକଜୁଟ କନ୍ତୋର ଗ୍ରାମବାସୀ
- ଅଭିଯୋଗ ଭିତ୍ତିହୀନ ଓ ଉଦ୍ଦେଶ୍ୟମୂଳକ



ପରଜଙ୍ଗ, ୧୮।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ତୋର ଗାଁରେ ଥିବା ବିଭିନ୍ନ ସାହିବାସିନ୍ଦା ଦୀର୍ଘ ୪୨ ବର୍ଷ ପରେ ଏକଜୁଟ ହୋଇ ୩ ଦିନ ଧରି ପାଳନ କରିଛନ୍ତି ପଣାସଂକ୍ରାନ୍ତି। ତେବେ ପଣାସଂକ୍ରାନ୍ତି ଯାତ୍ରାର ଶେଷ ଦିନରେ ଏକ ଗଣ୍ଡଗୋଳକୁ କେନ୍ଦ୍ରକରି ବିବାଦ ଥାନାରେ ପହଞ୍ଚିଛି। ଗତ ୧୬ ତାରିଖରେ ଯାତ୍ରା ଚାଲିଥିବା ବେଳେ ଜଣେ ମହିଳାଙ୍କୁ ସ୍ଥାନୀୟ ସରପଞ୍ଚଙ୍କ ପୁଅ ଏବଂ ଜଣେ ପୋଲିସ ଅଫିସର ମିଶି ମାଡ଼ ମାରିଥିବା ନେଇ ମହିଳାଜଣଙ୍କ ଶୁକ୍ରବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ଏହାକୁ ଖଣ୍ଡନ କରିଛନ୍ତି ଗ୍ରାମବାସୀ। ସେମାନେ କହିଛନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ଉଦ୍ଦେଶ୍ୟମୂଳକ ଓ ଭିତ୍ତିହୀନ। ଯାତ୍ରା ଚାଲିଥିବା ବେଳେ ଷ୍ଟେଜ ପାଖରେ ସମ୍ପୃକ୍ତ ମହିଳାଙ୍କ ଭାଇ ନିଶାସକ୍ତ ହୋଇ ଗଣ୍ଡଗୋଳ କରିଥିଲେ। ଏଥିରେ ପୋଲିସ ବାରଣ କରିବାରୁ ମହିଳା ଜଣଙ୍କ ପୋଲିସକୁ ଧକ୍କାମାରିବା ସହ ବାଉଁଶରେ ଆକ୍ରମଣ କରିଥିଲେ। କମିଟିର ସଦସ୍ୟମାନେ ବାରଣ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମ ସଭାପତି ଅନ୍ତର୍ଯାମୀ ସାହୁଙ୍କ ନେତୃତ୍ୱରେ ଗାଁ କୋଠଘରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ତୁରନ୍ତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗ୍ରାମରେ ଶାନ୍ତି ପ୍ରତିଷ୍ଠା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଶନିବାର ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗ୍ରାମ ସଭାପତି ସାହୁ କହିଛନ୍ତି, ଗାଁ ଏକଜୁଟକୁ କେତେଜଣ କୁଚକ୍ରୀ ବ୍ୟକ୍ତି ଭାଙ୍ଗିବା ପାଇଁ ପ୍ରୟାସ କରି ବିଫଳ ହୋଇଛନ୍ତି। ସମ୍ପୃକ୍ତ ମହିଳା ଏବଂ ତାଙ୍କ ପରିବାର ଉଦ୍ଦେଶ୍ୟମୂଳକ ଭାବେ ଗଣ୍ଡଗୋଳ କରିବା ସହିତ ମିଛ ଅଭିଯୋଗ କରିଛନ୍ତି। ଗାଁକୁ ଏକଜୁଟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ସରପଞ୍ଚଙ୍କ ପୁଅ ଅମରେଶ ସାହୁ କହିଛନ୍ତି, ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ତାଙ୍କ ପାଖରେ ଡ୍ରାଇଭର ଭାବରେ କାର୍ଯ୍ୟ କରୁଥିଲେ। ଗତ ୧୧ ତାରିଖରେ ତାଙ୍କୁ କାର୍ଯ୍ୟରୁ ବାହାର କରିଦିଆଯାଇଥିଲା, ଯାହାକୁ ନେଇ ମହିଳା ଓ ତାଙ୍କ ପରିବାର ଲୋକେ ଈର୍ଷାପରାୟଣ ହୋଇ ଏଭଳି କାଣ୍ଡ କରିଛନ୍ତି। ମହିଳା ଜଣଙ୍କ ଉଦ୍ଦେଶ୍ୟମୂଳକ ଭାବେ ଅନେକଙ୍କ ନାମକୁ ଯୋଡ଼ି ମିଥ୍ୟା ଅଭିଯୋଗ କରିଥିବା ଅମରେଶ କହିଛନ୍ତି। ତେଣୁ ଏହି ଘଟଣାର ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି।

ଅନ୍ୟପକ୍ଷରେ ମହିଳା ଜଣଙ୍କ କହିଛନ୍ତି, ଯାତ୍ରା ପେଣ୍ଡାଲ ନିକଟରେ ପାଟିତୁଣ୍ଡ ହୋଇଥିବା ବେଳେ ପରେ ସେମାନେ ଘରକୁ ଆସି ମାରପିଟ କରିଛନ୍ତି। କେତେଜଣ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି, ମହିଳାଙ୍କୁ ପୋଲିସ ଏବଂ ସରପଞ୍ଚଙ୍କ ପୁଅ ମାଡ଼ ମାରିବା ସତ, କିନ୍ତୁ ଗ୍ରାମବାସୀଙ୍କ ଭୟରେ କେହି ଆଗକୁ ବାହାରୁନାହାଁନ୍ତି। ତେବେ ଏହାର ବିଧିବଦ୍ଧ ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡ଼ିବ।

